## ସଂକ୍ଷେପରେ

### ପୁଣି ୪୭ ଆକ୍ରାନ୍ତ ଚିହ୍ନଟ

ନୟାଗଡ ଅଫିସ,୧୯।୯: ନୟାଗଡ଼ ଜିଲାରେ ଶନିବାର ପୁଣି ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୨୧୪ରେ ପହଞ୍ଚିଛି। ତେବେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଲୋକେ ଆତଙ୍କିତ ହେବାରେ ଲାଗିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ଭାପୁର/ଖଣ୍ଡପଡ଼ା,୧୯।୯(ଡି.ଏନ.ଏ./ସ୍ୱ.ପ୍ର.): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଫତେଗଡ଼ ଥାନା ଅଧୀନ ଫତେଗଡ଼ ଗ୍ରାମର ଗୋବିନ୍ଦ ଭଞ୍ଜଙ୍କ ଏକମାତ୍ର ପୁଅ ହରିଶ୍ଚନ୍ଦ୍ର ଭଞ୍ଜ(୨୨)। ହରିଶ୍ଚନ୍ଦ୍ର ଫତେଗଡ ହାଇସ୍କୁଲର ଏକ ଗେଟ୍ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ କାର୍ଯ୍ୟ କରୁଥିବାବେଳେ ଗେଟ ଉପରେ ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ପଠାଯାଇଛି। ପୋଲିସ ଏନେଇ (ନଂ.୧୨/୨୦)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହରିଶ୍ଚନ୍ଦ୍ର ୭ମାସ ତଳେ ବିବାହ କରିଥିଲେ।

### ଦେଶୀମଦ ଜବତ, ୩ ଗିରଫ

ଖଣ୍ଡପଡ଼ା,୧୯।୯(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ଅଧୀନ ଶିଖରପୁର, ବରପଲ୍ଲୀ, କଇଁଥପଲ୍ଲୀ ଆଦି ଗ୍ରାମରେ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ୬୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହିତ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଶିଖରପୁର ଗ୍ରାମର ସୁକାନ୍ତ ସାହୁ, ବରପଲ୍ଲୀ ଗ୍ରାମର ଗଗନ ସାହୁ ଓ ରମେଶ ଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ପୃଥକଭାବେ ମାମଲା ରୁଜୁ କରାଯାଇଛି। ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏସଆଇ ପ୍ରଫୁଲ୍ଲ ଦେଓ ଏବଂ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ପୋଲିସର ଚଢ଼ାଉ ପରେ ନିଶା ବେପାରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

### ୱାର୍ଡକୁ ପ୍ରବେଶ ଉପରେ କଟକଣା

ଖଣ୍ଡପଡା,୧୯।୯(ସ୍ୱ.ପ୍ର.): କରୋନା ଭୂତାଣୁ ଏବେ ଖଣ୍ଡପଡ଼ା ସହରାଞ୍ଚଳରେ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାଂଶ ୱାର୍ଡର ସାହିବସ୍ତିକୁ ସର୍ବସାଧାରଣଙ୍କ ଅବାଧ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି ସ୍ଥାନୀୟବାସିନ୍ଦା। ପ୍ରତ୍ୟେକ ସାହିର ପ୍ରବେଶ ପଥରେ ବାଉଁଶ ବାଡ ଦିଆଯାଇ ରାସ୍ତା ଅବରୋଧ କରାଯାଇଛି। ସେହିପରି ଦିନକୁ ଦିନ ବିଭିନ୍ନ ୱାର୍ଡରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ସହରକୁ ୨୪ତାରିଖ ସକାଳ ୬ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟଜୋନ ଘୋଷଣା କରାଯାଇଛି।

# ପ୍ରତି ବର୍ଷ ନଷ୍ଟ ହେଉଛି ଶତାଧିକ ଏକର ଫସଲ

ଚଣ୍ଡିଖୋଲ, ୧୯।୯ (ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଦେଇ ପ୍ରବାହିତ କାଣୀ ନଦୀ ଦେଇ ସ୍ଥାନୀୟ ୩ ପଞ୍ଚାୟତର ଚାଷଜମିରୁ ଉଦ୍‌ବୃତ୍ତ ବର୍ଷା ଜଳ ବଡ଼ ଗେଙ୍ଗୁଟି ନଦୀକୁ ଯାଇଥାଏ। ଏଥିପାଇଁ ମହାଦେଇପୁରଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲା। ହେଲେ ଗତ କିଛିବର୍ଷ ହେବ ତାହା ଅଚଳ ହୋଇପଡ଼ିଥିବାରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ଫଳରେ ବର୍ଷା ଦିନେ ଦୀର୍ଘଦିନ ଧରି ଚାଷଜମିରେ ପାଣି ଜମି ରହିବା ଯୋଗୁ ଶତାଧିକ ହେକ୍ଟର ଫସଲ ନଷ୍ଟ ହେଉଛି। ଏଥିଯୋଗୁ ପ୍ରତିବର୍ଷ ସ୍ଥାନୀୟ ଚାଷୀମାନେ ବହୁ କ୍ଷତି ସହୁଛନ୍ତି ବୋଲି ଅଭିଯୋଗ ହୋଇଛି।

ଯାଜପୁର ଡ୍ରେନେଜ୍ ଡିଭିଜନ ଅଧୀନରେ ଥିବା କାଣୀ ନଦୀ (ପାଟନାଳି) ଅରଖପୁର, କୁନ୍ଦଳ ଦେଇ ଅଣକା ପଞ୍ଚାୟତର ମହାଦେଇପୁରଠାରେ ବଡ଼ ଗେଙ୍ଗୁଟି ନଦୀକୁ ପଡ଼ିଛି। ପୂର୍ବରୁ ଶୀତ ଓ ଗ୍ରୀଷ୍ମ ଋତୁରେ କାଣୀ ନଦୀ ଜଳରେ ବ୍ୟାପକ ପନିପରିବା ଚାଷ କରାଯାଉଥିଲା। ହେଲେ ୨୦୧୧ରୁ ଏହି ପାଟନାଳୀ ସଫେଇ ହୋଇ ନ ଥିବାରୁ ପନିପରିବା ଓ ଡ଼ାଲି ଜାତୀୟ ଚାଷ ହୋଇପାରୁନାହିଁ। ଏହାଛଡ଼ା ଅତୀତରେ ବର୍ଷା ଋତୁରେ ଉକ୍ତ ଅଞ୍ଚଳରେ ବହୁ ପରିମାଣର ନଳିତା ଚାଷ ହେଉଥିଲେ ବି ଏବେ ଏହା କମିଗଲାଣି। ଚଳିତବର୍ଷ ଲଗାଣବର୍ଷା ଓ ବନ୍ୟା ଯୋଗୁ ଅଣକା, କୁନ୍ଦଳ ଓ ଅରଖପୁର ପଞ୍ଚାୟତର ବହୁ ଚାଷଜମି ଜଳମଗ୍ନ ହୋଇଥିବା ବେଳେ ଉକ୍ତ ସ୍ଲୁଇସ୍ ଗେଟ୍ ଅଚଳ ହୋଇପଡ଼ିଥିବାରୁ ଏବେ ବି ଚାଷଜମିରେ ପାଣି ଜମି ରହିଛି। ତେବେ ତୁରନ୍ତ ପାଟନାଳି ପୁନରୁଦ୍ଧାର କରାଯିବା ସହ ମହାଦେଇପୁର ସ୍ଲୁଇସ୍ ଗେଟ୍ ମରାମତି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ପଚାରିବାରେ, କାଣି ନଦୀ (ପାଟ ନାଳି) ସଫେଇ ପାଇଁ ୧୦ବର୍ଷ ତଳୁ ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ସେଠାରେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଏହା ହୋଇପାରିନାହିଁ। ଜମି ଅଧିଗ୍ରହଣ ପାଇଁ ସେଠାକାର ଜମି ମାଲିକମାନେ ରାଜି ହେଉ ନ ଥିବାରୁ ଏହାର ସଫେଇ କରିବା ସମ୍ଭବ ହୋଇନି। ବର୍ଷାଦିନ ପରେ ମହାଦେଇପୁର ସ୍ଲୁଇସ୍ ଗେଟ୍ ମରାମତି କରାଯିବ। ଯଦି ଜମି ମାଲିକମାନେ ଜମି ଛାଡ଼ନ୍ତି ତେବେ କାଣି ନଦୀ ପୁନରୁଦ୍ଧାର ହୋଇପାରିବ ବୋଲି ସେ କହିଛନ୍ତି।


ମହାଦେଇପୁରଠାରେ ଥିବା ସ୍ଲୁଇସ୍ ଗେଟ୍ ଅଚଳ ହୋଇପଡ଼ିଛି।

**ବଡ଼ଚଣା ବ୍ଲକ**
- ମହାଦେଇପୁର ସ୍ଲୁଇସ୍ ଗେଟ୍ ଅଚଳ
- ନିଷ୍କାସିତ ହୋଇପାରୁନି ଉଦ୍‌ବୃତ୍ତ ବର୍ଷା ଜଳ
- ଦୁର୍ଦ୍ଦଶାରେ ଧାନ, ପନିପରିବା ଓ ନଳିତା ଚାଷୀ

## ମା' ସିଦ୍ଧିଦାତ୍ରୀଙ୍କ ସିଦ୍ଧିଦୁର୍ଗା ବେଶ



ନାଉଗାଁ,୧୯।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ବ୍ଲକ ସରାପ୍ରେସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହେଉଛି। ଶନିବାର ୧୦ମ ଦିବସରେ ମା' ସିଦ୍ଧିଦାତ୍ରୀଙ୍କୁ ସିଦ୍ଧିଦୁର୍ଗା ବେଶରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟହ ପଣ୍ଡିତଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା କରାଯାଉଛି। କାର୍ଯ୍ୟକ୍ରମକୁ ପୀଠାଧୀଶ ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ପରିଚାଳନା କରୁଥିବା ବେଳେ ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟ ଆଶ୍ରମବାସୀ ସହଯୋଗ କରୁଛନ୍ତି।

## ସାର ଦୋକାନରେ କୃଷି ବିଭାଗର ଚଢ଼ାଉ


ଫଟୋ: ପୋଲିସ ଓ କୃଷି ବିଭାଗ ଅଧିକାରୀ ଏକ ସାର ଦୋକାନରେ ଚଢ଼ାଉ କରୁଛନ୍ତି।

ନାଉଗାଁ,୧୯।୯(ସ୍ୱ.ପ୍ର.)

**ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ବିକ୍ରି ପାଇଁ ପରାମର୍ଶ**

ନାଉଗାଁ ବ୍ଲକ ଅଞ୍ଚଳରେ ସାର, କୀଟନାଶକ କଳାବଜାର ହେଉଥିବା ନେଇ ଅଭିଯୋଗ ହେବାପରେ ଶନିବାର କୃଷି ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ନାଉଗାଁ ବଜାରର ୮ ଓ ଗଙ୍ଗଦା ବଜାରର ୬ ଦୋକାନରେ ଚଢାଉ କରାଯାଇଥିଲା। ଗଙ୍ଗଦାର ପ୍ରଶାନ୍ତ ଜେନାଙ୍କ ଦୋକାନରେ ୨ ବସ୍ତା ୟୁରିଆ ଥିବାରୁ ତାହାକୁ କୃଷି ଅଧିକାରୀଙ୍କ ଉପସ୍ଥିତିରେ ସରକାରୀ ଧାର୍ଯ୍ୟମୂଲ୍ୟରେ ଚାଷୀଙ୍କୁ ବିକ୍ରି କରାଯାଇଥିଲା। ଯେଉଁ ବ୍ୟବସାୟୀମାନେ ବିନା ପଞ୍ଜୀକରଣରେ ସାର ବିକ୍ରି କରୁଛନ୍ତି ସେମାନଙ୍କୁ ପଞ୍ଜୀକରଣ କରିବା, ଦୋକାନ ସମ୍ମୁଖରେ ସୂଚନାଫଳକ ଲଗାଇବା, ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ବିକ୍ରି କରିବା ପାଇଁ କୁହାଯାଇଥିଲା। ଯଦି କଳାବଜାରରେ କେହି ସାର ବିକ୍ରି କରନ୍ତି ଓ ସରକାରୀ ନିର୍ଦ୍ଦେଶନାମା ନ ମାନନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

କୃଷି କାର୍ଯ୍ୟାଳୟ ପକ୍ଷରୁ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ, ଗଜରାଜପୁର ସହ କୃଷି ଅଧିକାରୀ ତୁଷାର କାନ୍ତ ସ୍ୱାଇଁ, ଗ୍ରାମ୍ୟ କୃଷି ସେବକ ବିଶ୍ୱଜିତ ପରିଡା, ଅଭିଜିତ ସେଠୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ସମ୍ପର୍କରେ ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି, ନାଉଗାଁ ଓ ଗଙ୍ଗଦା ବଜାରର କେତୋଟି ସାର ପଏଣ୍ଟରେ ଚଢ଼ାଉ କରାଯାଇଥିଲା। ସରକାରୀ ନିୟମ ଅନୁସାରେ ସୂଚନ ଫଳକ ଲଗାଇବା ସହିତ ପିଓଏସ୍ ମେଶିନ ସାହାଯ୍ୟରେ ସାର ବିକ୍ରିକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବ୍ୟବସାୟୀ ନିୟମ ନ ମାନନ୍ତି ପୁନର୍ବାର ଚଢ଼ାଉ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶଯୋଗ୍ୟ, ସାର କଳାବଜାର ନେଇ ବିଭିନ୍ନ ସମୟରେ ନବ ନିର୍ମାଣ କୃଷିକ ସଙ୍ଗଠନ ପକ୍ଷରୁ କୃଷି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

## ନାବାଳିକା ଝିଅଙ୍କୁ ବିବାହ ଦେବା ଉଦ୍ୟମ

ନୟାଗଡ଼ ଅଫିସ,୧୯।୯

ନାବାଳିକା ଝିଅଙ୍କୁ ବିବାହ ଦେବା ଉଦ୍ୟମ ପଣ୍ଡ ହୋଇଛି। ମା'ଠାରୁ ଅଲଗା ହୋଇ ୧୪ ବର୍ଷର ନାବାଳିକାଙ୍କୁ ଶେଷରେ ତପସ୍ୟା ଚିଲଡ୍ରେନ ହୋମରେ ରହିବାକୁ ପଡିଛି। ଅଭିଯୋଗ ଅନୁସାରେ, ନୂଆଗାଁ ଥାନା ଚାହାଳି ଗାଁର ଦମ୍ପତିଙ୍କ ମଧ୍ୟରେ ବିବାଦ ହୋଇଥିଲା। ଫଳରେ ଉଭୟ ଅଲଗା ରହୁଥିଲେ। ବାପାଙ୍କ ପାଖରେ ୧୫ ବର୍ଷର ପୁଅ ଓ ମା' ପାଖରେ ୧୪ ବର୍ଷର ଝିଅ ରହୁଥିଲେ। ମା'ଝିଅକୁ ନେଇ ନୟାଗଡ ପୁରୁଣା ସହର ଶଗଡିଆସାହିରେ ରହୁଥିଲେ। ଏଭଳି ସମୟରେ ଝିଅକୁ ନେବା ପାଇଁ ବାପା କୋର୍ଟରେ କେସ କରିଥିଲେ। ହେଲେ ମା' କୋର୍ଟରେ ହାଜର ହୋଇ ନ ଥିଲେ। ଅନ୍ୟପକ୍ଷେ ମା' ଝିଅକୁ ବିବାହ କରିବାକୁ ଉଦ୍ୟମ କରିବାକୁ ଯୋଜନା କରୁଥିବା ବାପା ଜାଣି ପାରିଥିଲେ। ଏପରି କି ମା' ଘରେ ଜ୍ୱାଇଁଙ୍କୁ ଆଣି ପ୍ରାୟ ୧ମାସ ହେଲା ରଖିଥିଲେ। ଏନେଇ ନୟାଗଡ ଟାଉନ ଥାନାରେ ବାପା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଚାଇଲ୍ଡ ଲାଇନ୍ ସହାୟତାରେ ଝିଅଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ହାଜର କରିଥିଲା। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶ ମୁତାବକ ନାବାଳିକାଙ୍କୁ ଚିଲଡ୍ରେନ୍ ହୋମ୍‌ରେ ରଖାଯାଇଛି।

## ଶ୍ୱଶୁରଘରେ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ

ନୟାଗଡ଼ ଅଫିସ,୧୯।୯

**ସ୍ତ୍ରୀ, ଶାଳକ ଅଟକ**

ନୟାଗଡ଼ ସଦର ଥାନା ଅଧୀନ ବାଲୁଗାଁ ସଅରସାହିର ଶ୍ୱଶୁରଘରକୁ ଆସିଥିବା ଜ୍ୱାଇଁ କାଳିଆ ନାୟକ(୪୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ (ନଂ.୧୨୪/୨୦)ରେ ଏକ ମାମଲା ରୁଜୁ କରିବା ସହ ମୃତ କାଳିଆଙ୍କ ସ୍ତ୍ରୀ ଓ ଶାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଫତେଗଡ ଥାନା ମିତୁଆଣି ଗାଁର କାଳିଆ ଭୁବନେଶ୍ୱରରେ ରହି କାମ କରନ୍ତି। ଶୁକ୍ରବାର ସେ ଶ୍ୱଶୁର ଘରକୁ ଆସିଥିଲେ। ତେବେ ଶନିବାର ଭୋର ସମୟରେ ତାଙ୍କ ମୃତଦେହ ଶ୍ୱଶୁର ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମାତ୍ର ସ୍ତ୍ରୀ, ଶାଶୁ ଓ ଶାଳକ ମିଶି ହତ୍ୟା କରିଥିବା କାଳିଆଙ୍କ ଭାଇ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ଦେବାକୁ ବେଶ୍ ଯୋଜନା କରାଯାଇଛି। କୁଡିଆ ଘରେ ଜଣେ ଆତ୍ମହତ୍ୟା କଲେ ଗୋଡ ତଳେ ବାଜିବ। ସେ କିପରି ଆତ୍ମହତ୍ୟା କରିବେ। ମୃତକଙ୍କ ଶାଳକ କୃଷ୍ଣଚନ୍ଦ୍ର ସ୍ୱାଇଁ କୁହନ୍ତି, ଶୁକ୍ରବାର ସନ୍ଧ୍ୟାରେ ଭିଣୋଇ ମଦ୍ୟପାନ କରି ଘରକୁ ଆସି ମୋତେ ଓ ଭଉଣୀଙ୍କୁ ମାରପିଟ କରିଥିଲେ। ମୁଁ ଜଣେ ଟିବି ରୋଗୀ ହୋଇଥିଲେହେଁ ମୋତେ ପେଲି ଦେଇଥିଲେ। ମୁଁ ଅସୁସ୍ଥ ହୋଇ ପଡିଥିଲି। କାଳିଆଙ୍କ ସ୍ତ୍ରୀ କୁହନ୍ତି, ମୋତେ ଓ ଭାଇଙ୍କୁ ମାରପିଟ୍ କରି ଅନ୍ୟ ଏକ ଘରେ ମୋ ସ୍ୱାମୀ ଶୋଇଥିଲେ। ସକାଳୁ ଉଠିବା ପରେ ଗାମୁଛା ବାନ୍ଧି ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ମୁଁ ଓ ପରିବାର ଲୋକେ କାହିଁକି ମାରିବୁ। ଆମ ଉପରେ ମିଥ୍ୟା ଦୋଷାରୋପ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

## ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ନୟାଗଡ ଅଫିସ,୧୯।୯

**ପରୀ ହତ୍ୟାକାଣ୍ଡକୁ ୬୭ ଦିନ ବିତିଲା**

ନୟାଗଡ଼ ସଦର ଥାନା ଅଧୀନ ଯଦୁପୁର ଗାଁର ଅଶୋକ ସାହୁଙ୍କ ଶିଶୁକନ୍ୟା ପରୀ ଓରଫ ଅମ୍ରିତା(୬)ଙ୍କ ହତ୍ୟାକାଣ୍ଡକୁ ୬୭ଦିନ ଅତିକ୍ରମ କରି ସାରିଲାଣି। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ପାରୁ ନ ଥିବାରୁ ଶିଶୁକନ୍ୟାଙ୍କ ପରିବାର ପୋଲିସ ତଦନ୍ତ ଉପରୁ ଭରସା ତୁଟାଇ ସାରିଲେଣି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ସମ୍ପର୍କରେ ପରିବାର ସଦସ୍ୟ ମୁହଁ ଖୋଲିଲେ ନିର୍ଯାତନା ମିଳୁଥିବାରୁ ସେମାନେ ନିରାଶ ହୋଇ ପଡ଼ିଛନ୍ତି। ଏଭଳିସ୍ଥଳେ ବାଲୁଗାଁ ସଅର ସାହିରେ ଅନ୍ୟ ଏକ ହତ୍ୟାକାଣ୍ଡ ଘଟିଲାଣି। ତେବେ ପୋଲିସ ଏହାର ତଦନ୍ତ କିପରି କରୁଛି ତା'କୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।
ସୂଚନା ଅନୁସାରେ, ଅମ୍ରିତା ଗାଁରେ ଖେଳୁଥିବାବେଳେ ଜୁଲାଇ ୧୪ରେ ନିଖୋଜ ହୋଇଥିଲେ। ଜୁଲାଇ ୨୩ରେ ତାଙ୍କ ମୃତଦେହ ବାରିପଟୁ ଉଦ୍ଧାର ହୋଇଥିଲା। ପୋଲିସ (ନଂ.୯୮/୨୦)ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉପରୁ ଆସ୍ଥା ହରାଇ ପରିବାର ସମେତ ଯଦୁପୁର ଗାଁ ଲୋକ ସିବିଆଇ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଅଗଷ୍ଟ ୧୨ରେ ରାସ୍ତାରୋକୋ କରିଥିଲେ। ନୟାଗଡ ଅତିରିକ୍ତ ଏସପି ଉମାକାନ୍ତ ମଲ୍ଲିକ, ନୟାଗଡ ତହସିଲଦାର ଭିକାରୀ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ହତ୍ୟାକାରୀଙ୍କୁ ୧୫ ଦିନ ମଧ୍ୟରେ ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୧୫ ଦିନ ବିତିଯିବା ପରେ ପୋଲିସ ହତ୍ୟାକାରୀଙ୍କୁ ଧରି ପାରିଲାନି। ଅନ୍ୟପକ୍ଷରେ ରାସ୍ତାରୋକୋ କରିଥିବା ଲୋକଙ୍କ ବିରୋଧରେ ପୋଲିସ କଠୋର ଦଫା ଲଗାଇବା ପରେ ଭୟ ବଢ଼ିଛି। ଏନେଇ ଆଇଆଇସି ରିନାରାଣୀ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଗିରଫ ହେବେ।

## ଗୋଟିଏ ଦିନରେ ୧୪୬ ପଜିଟିଭ୍ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୧୯।୯

ଜଗତ୍‌ସିଂହପୁର ଜିଲାରେ ଗୋଟିଏ ଦିନରେ ୧୪୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୭୬୫ରେ ପହଞ୍ଚିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ୧୪୬ ପଜିଟିଭ୍‌ଙ୍କ ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ସର୍ବାଧିକ ୩୨ ଜଣ ରହିଛନ୍ତି। ସେହିପରି କୁଜଙ୍ଗ ୨୪, ତିର୍ତ୍ତୋଲ ୨୦, ବାଲିକୁଦା ୧୫, ଜଗତ୍‌ସିଂହପୁର ପୌର ପରିଷଦ ୧୪, ପାରାଦୀପ ପୌର ପରିଷଦ ୧୩, ଏରସମା ବ୍ଲକ ୧୩, ରଘୁନାଥପୁର ୮, ବିରିଡ଼ି ୪ ଓ ଅନ୍ୟ ଜିଲାର ୩ ଜଣ ରହିଛନ୍ତି। ଅନୁରୂପ ଭାବେ ଏଥିମଧ୍ୟରେ ଜିଲାରୁ ଚିହ୍ନିତ ୩,୭୬୫ ପଜିଟିଭ୍‌ଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳର ୩୫୫, ବିରିଡ଼ି ୨୦୯, ଏରସମା ୨୦୮, କୁଜଙ୍ଗ ୫୮୯, ନାଉଗାଁ ୨୮୩, ତିର୍ତ୍ତୋଲ ୪୪୭, ରଘୁନାଥପୁର ୨୫୩, ଜଗତ୍‌ସିଂହପୁର ୫୧୩, ଜଗତ୍‌ସିଂହପୁର ପୌର ପରିଷଦ ୨୪୮, ପାରାଦୀପ ପୌର ପରିଷଦ ୬୩୬ ଓ ଅନ୍ୟ ଜିଲାର ୨୪ ଜଣ ରହିଛନ୍ତି। ମୃତ୍ୟୁ ସଂଖ୍ୟା ୬ରେ ସୀମିତ ଅଛି। ଏହି ୬ ଜଣଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳର ଜଣେ, ଏରସମା ୧, କୁଜଙ୍ଗ ୧, ତିର୍ତ୍ତୋଲ ୧ ଓ ଜଗତ୍‌ସିଂହପୁରର ୨ ଜଣ ରହିଛନ୍ତି।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ସ୍ଥାନୀୟ ବାହାକୁଦଠାରେ ସମୁଦ୍ର ଜୁଆରରେ ମହାନଦୀ ପାର୍ଶ୍ୱ କାଜୁ ଜଙ୍ଗଲ ନଷ୍ଟ ହେଉଛି।

## ରିଲିଫ ପ୍ରଦାନ ଦାବିରେ ବନ୍ୟା ବିପନ୍ନଙ୍କ ଧାରଣା

ତିର୍ତ୍ତୋଲ,୧୯।୯ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଗୋପାଳପୁର(ସ) ପଞ୍ଚାୟତରେ ପ୍ରକୃତ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରା ଯାଇ ନ ଥିବା ଅଭିଯୋଗ କରି ଶନିବାର ବିପନ୍ନ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବାସହ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀ ଶୀଘ୍ର ରିଲିଫ ସହ ଅନ୍ୟ ସହାୟତା ପ୍ରଦାନ ପାଇଁ ଦାବି କରିଥିଲେ। ଏଥିସହିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏଠାରୁ ବଦଳି କରିବା ପାଇଁ ନାରାବାଜି କରିଥିଲେ। ଘଟଣା ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ ଅବଗତ କରାଯାଇଥିଲା। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳରେ କବିତା ପୃଷ୍ଟି, ଜୟନ୍ତୀ ପୃଷ୍ଟି, ଅନିତା ପୃଷ୍ଟି, ଆରତି ପୃଷ୍ଟି, ସୁଲୋଚନା ମଲ୍ଲିକ, ରାନୁ ମଲ୍ଲିକ, ଜୟା ଦାସ, ଗୀତାଞ୍ଜଳି ମଲ୍ଲିକ, କ୍ଷୀର ଗୋଛାୟତ, ଅଞ୍ଜନା ପୃଷ୍ଟି, ବାସନ୍ତୀ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ। ଭାଜପା ମହିଳା ମଣ୍ଡଳ ସଭାନେତ୍ରୀ ନମିତା ସେନାପତିଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ବିଜୟ ଦାଶ, ଯୁବମୋର୍ଚ୍ଚାର ଜ୍ୟୋତିରଞ୍ଜନ ସାହୁ, ବିରାଜ ମହାପାତ୍ର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମର୍ଥନ କରିଥିଲେ।


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣା ଦେଇଛନ୍ତି।

## ମହିଳା ନିଖୋଜ, ଥାନାରେ ଏତଲା

ରାଜନଗର, (ଡି.ଏନ୍.ଏ.): ରାଜନଗର ଥାନା ମାଣପଡ଼ା ଗ୍ରାମର ପ୍ରମିଳା ନାଥ ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତାଙ୍କ ବଡ଼ ଝିଅ ସତ୍ୟପ୍ରିୟାଙ୍କ ଅଭିଯୋଗ ମୁତାବକ, ପ୍ରମିଳା ପୂର୍ବାହ୍ନ ୧୧ଟା ବେଳେ ଘରୁ ବାହାରି ବ୍ୟାଙ୍କକୁ ଯାଇଥିଲେ। ହେଲେ ଫେରିବାରେ ବିଳମ୍ବ ହେବାରୁ ସତ୍ୟପ୍ରିୟା ତାଙ୍କୁ ଖୋଜିବାକୁ ଜରିମୂଳ ଯାଇଥିଲେ। ହେଲେ ବ୍ରାହ୍ମଣୀ ନଦୀ କୂଳରେ ତାଙ୍କ ଚପଲ ଓ ମୋବାଇଲ ପଡ଼ିଥିବା ଦେଖିଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପ୍ରମିଳାଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ‘କଂଗ୍ରେସ ଛାଡ଼ିଥିବା ନେତାଙ୍କୁ ଭୋଟର ଉଚିତ ଜବାବ ଦେବେ’

ତିର୍ତ୍ତୋଲ,୧୯।୯(ଡି.ଏନ.ଏ.): ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦୁଇଥର କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ରାଜକିଶୋର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ନାୟକ ଓ ଅନ୍ୟମାନେ ଭାଜପାରେ ଯୋଗଦେବା ପରେ ତାଙ୍କ ବିରୋଧରେ ବିଶୋଦଗାର କରିଛନ୍ତି କଂଗ୍ରେସ ନେତୃମଣ୍ଡଳୀ। ତିର୍ତ୍ତୋଲ ସରଣିଛକ ନିକଟ ଆନନ୍ଦ ମଣ୍ଡପରେ ଶନିବାର ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସରୁ ବହୁ ସୁବିଧା ନେଇ ନିଜର ପରିଚୟ ପାଇବା ପରେ ଏମାନେ ଦଳ ପ୍ରତି ବେଇମାନ କରି ଅନ୍ୟଦଳରେ ମିଶିଛନ୍ତି ବୋଲି ନେତୃମଣ୍ଡଳି ଅଭିଯୋଗ କରିଛନ୍ତି। ତେଣୁ ଏମାନଙ୍କୁ ଭୋଟର ଆଗାମୀ ଦିନରେ ଉଚିତ ଜବାବ ଦେବେ। ଏଥିସହ ମିଛ କହି କେତେକ ପିଆରଆଇ ସଦସ୍ୟଙ୍କୁ ଭୁବନେଶ୍ୱରନେଇ ଯେଉଁମୁଣ୍ଡ ଗଣତି କରାଇଛନ୍ତି ସେମାନେ କଂଗ୍ରେସ ଛାଡିନାହାନ୍ତି ଓ ଆଗାମୀ ଦିନରେ ସେମାନେ ଅସଲ କଥା ପ୍ରକାଶ କରିବେ ବୋଲି ନେତୃମଣ୍ଡଳି ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ ଦାସ, ପିସିସି ସମ୍ପାଦକ ନାରାୟଣ ଜେନା, ତିର୍ତ୍ତୋଲ ନିର୍ବାଚନମଣ୍ଡଳି ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, କନକପୁର ସମିତିସଭ୍ୟ ଅଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଦଳ ଛାଡ଼ିଥିବା କୌଣସି କର୍ମୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ରାଜନଗରରେ ସଂକ୍ରମିତଙ୍କ ସଂଖ୍ୟା ୩୩୦ ଛୁଇଁଲା

ରାଜନଗର, ୧୯।୯ (ଡି.ଏନ୍.ଏ.): ରାଜନଗର ବ୍ଲକରେ କରୋନା ପଜିଟିଭ୍ ସଂଖ୍ୟା ହୁ ହୁ ହୋଇବଢୁଛି। ପ୍ରତିଦିନ ବ୍ଲକର ବିଭିନ୍ନ ଅଞ୍ଚଳରୁ କରୋନା ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଶନିବାର ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୩୩୦ରେ ପହଞ୍ଚିଛି। ଶନିବାର ବାଲିକଣା ଗାଁରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଗବାନପୁରରୁ ଜଣେ, ଓସ୍ତିଆରେ ଜଣେ, ମୁଗକଣିରେ ୨, ଡେରାରେ ଜଣେ, ସାନଓରରେ ଜଣେ, ରାଜନଗରରେ ୭ଜଣ ଚିହ୍ନଟ ହୋଇଛନ୍ତି।

### ବାଲି ଘାଟରେ ଚଢ଼ାଉ ବେଳେ ତହସିଲଦାରଙ୍କୁ ଦୁର୍ବ୍ୟବହାର

ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର.): ନିଶ୍ଚିନ୍ତାକୋଲି ବ୍ଲକ ଅଧୀନ ଦାଉଦପୁର ପଞ୍ଚାୟତର ବାଲିଗଡ଼ା ନିକଟ ଚିତ୍ରୋତ୍ପଳା ନଦୀରୁ ବେଆଇନ ବାଲି ଉଠାଯାଉଥିବା ଖବର ପାଇ କଟକ ଜିଲା ଏନଫୋର୍ସମେଣ୍ଟ ଟିମ କିଶୋରନଗର ତହସିଲଦାର ଓ ନେମାଳ ଥାନା ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଜଣେ ସ୍ଥାନୀୟ ପୂର୍ବତନ ଲୋକପ୍ରତିନିଧି ତହସିଲଦାରଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ତହସିଲଦାର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ (ନଂ.୧୧୮/୨୦)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚଢ଼ାଉରେ ୯ଟି ବାଲିବୋଝେଇ ଗାଡ଼ି ଜବତ କରାଯାଇଥିଲା। ସେଥିରୁ ୭ଗାଡିରୁ ଏକ ଲକ୍ଷ ୮୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୁଚେତ ମହାପାତ୍ର ପ୍ରକାଶ କରିଛନ୍ତି। ଦୁଇଟି ଗାଡ଼ି ଜରିମାନା ନ ଦେବାରୁ ଥାନାରେ ଅଟକ ରଖାଯାଇଛି। ତହସିଲଦାରଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନିହାର ମହାନ୍ତି ପ୍ରକାଶ କରିଛନ୍ତି।

# ଧରାପଡୁ ନାହାନ୍ତି ମାଷ୍ଟରମାଇଣ୍ଡ

## ଯାଜପୁର ଜିଲା: ଥମୁନି ଧଳାଜହର କାରବାର

- ବାଂଲାଦେଶରୁ ଆସୁଛି ବ୍ରାଉନସୁଗାର
- ସୀମାନ୍ତବର୍ତ୍ତୀ ଧରପଗଡ ନୈରାଶ୍ୟଜନକ, ନିଷ୍କ୍ରିୟ ଅବକାରୀ ବିଭାଗ

ଯାଜପୁର ଅଫିସ୍,୧୯।୯

ସପ୍ତାହକ ମଧ୍ୟରେ ଯାଜପୁର ଜିଲା ପୋଲିସକୁ ବ୍ରାଉନସୁଗାର କାରବାର ଉପରେ ୨ଟି ସଫଳତା ମିଳିଛି। ହେଲେ ନିଶା କାରବାର ଉପରେ ନିୟନ୍ତ୍ରଣ ରଖିବାକୁ ସ୍ୱତନ୍ତ୍ର ଭାବେ ରହିଥିବା ଯାଜପୁର ଜିଲାର ଅବକାରୀ ବିଭାଗର ନିଷ୍କ୍ରିୟତା ଜିଲାରେ ଧଳାଜହର କାରବାରର ବ୍ୟାପକତାକୁ ପରୋକ୍ଷରେ ସହଯୋଗ କରୁଛି। ପୋଲିସ ଧରୁଛି, କିନ୍ତୁ ଅବକାରୀ ବିଭାଗ କେତେକାଂଶରେ ବାହାବା ନେଉଥିବା ଚର୍ଚ୍ଚା ହେଉଛି। ବ୍ରାଉନସୁଗାର କାରବାର ବାଂଲାଦେଶରୁ କୋଲକାତା ଦେଇ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ଅଞ୍ଚଳକୁ ରେଳ ଓ ସଡ଼କପଥ ଦେଇ ଚାଲାଣ କରାଯାଉଥିବା ମତପ୍ରକାଶ ପାଇଛି। ହେଲେ ଏହାର ମୁଖ୍ୟ ବା ମାଷ୍ଟରମାଇଣ୍ଡଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ବ୍ରାଉନସୁଗାର କାରବାର ଉପରେ ରୋକ୍ ଲଗାଇବା ସମ୍ଭବ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ସଂସ୍ଥା ମାଧ୍ୟମରେ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

ଚୋରା ବେପାରୀଙ୍କ ସହ ପୋଲିସ ପ୍ରଶାସନର ସମ୍ପର୍କ ନୂଆଁ କଥା ନୁହେଁ। ଖାସ୍ କରି ସମୁଦ୍ରକୂଳ ପୋଲିସର କେତେଜଣ ଅସାଧୁ ଅଧିକାରୀଙ୍କ ଏଭଳି ରାଜ୍ୟ ବାହାର ଚୋରା ବ୍ୟବସାୟୀଙ୍କ ସହ ସମ୍ପର୍କ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇ ଆସିଛି। ନିକଟରେ ସମୁଦ୍ରକୂଳ ଥାନାର ଜଣେ ଆଇଆଇସି ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମାତ୍ର ରାଜ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେଇ ହାଲୁକା ଭାବେ ଗ୍ରହଣ କରିବା ଦ୍ୱାରା ବାହାର ରାଜ୍ୟର ଚୋରା ବ୍ୟବସାୟୀ ଏବେ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରଭାବ ବିସ୍ତାର କରିଚାଲିଛନ୍ତି। ବ୍ରାଉନସୁଗାର, ଗଞ୍ଜେଇ, ମଦ ଭଳି ଆଦିର ବ୍ୟାପକ ଚୋରାଚାଲାଣ ପଡ଼ୋଶୀ ପଶ୍ଚିମବଙ୍ଗରୁ ସୀମାନ୍ତବର୍ତ୍ତୀ ଜିଲା ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ କରାଯାଉଛି। ଏହାର ମୁଖ୍ୟ ପେଣ୍ଠସ୍ଥଳୀ ସାଜିଛି ଓଡ଼ିଶା ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲା ଅଞ୍ଚଳ ବୋଲି କୁହାଯାଉଛି। ଆଉ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଓ ସହଯୋଗ ସାଙ୍ଗକୁ ଉଚ୍ଚସ୍ତରୀୟ କେତେଜଣ ଅଧିକାରୀଙ୍କ ଛତ୍ରଛାୟାରେ ବ୍ୟବସାୟ ଚାଲିଛି ବୋଲି ଅଭିଯୋଗ ହେଉଛି। ଅସାଧୁ ପ୍ରବୃତ୍ତି ଓ ଅନାୟାସରେ ଅର୍ଥ ଉପାର୍ଜନର ମୋହ ଏହି କାରବାରକୁ ବ୍ୟାପକ କରିଛି। ଏହାକୁ ରୋକିବାକୁ ପୋଲିସ ଓ ଅବକାରୀ ବିଭାଗ ବିଫଳ ହେଉଥିବାରୁ ୨୦୧୯ ମସିହାରେ ତତ୍କାଳୀନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏସ୍‌ଟିଏଫ (ସ୍ପେଶାଲ ଟାସ୍କ ଫୋର୍ସ)କୁ ଦାୟିତ୍ୱ ଦେଇଥିଲେ। ରାଜ୍ୟ ତଥା ଦେଶ ବାହାରୁ ବ୍ରାଉନସୁଗାର ଆଣୁଥିବା ପେସାଦାର ବ୍ୟବସାୟୀଙ୍କୁ ଗିରଫ କରିବା ସହ ଛୋଟଛୋଟ ବ୍ୟବସାୟୀ ତଥା ନେଟୱର୍କ ଉପରେ ତଦନ୍ତ କରିବାକୁ ଡିଜିପି ଏସ୍‌ଟିଏଫ୍ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶ ଠିକ ଭାବେ କାର୍ଯ୍ୟକାରୀ ନ ହେବାରୁ ଦିନକୁ ଦିନ ବ୍ରାଉନସୁଗାର କାରବାର ଅଣାୟତ୍ତ ହେଉଛି ବୋଲି ମତପ୍ରକାଶ ପାଇଛି। ତେବେ୍ ଯାଜପୁର ଏସ୍‌ପି ବ୍ରାଉନସୁଗାର କାରବାର ଉପରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଗତ ୧୪ ତାରିଖରେ ପାଣିକୋଇଲି ଥାନା ପୋଲିସ ୧୩.୪୮ ଗ୍ରାମ୍ ବ୍ରାଉନସୁଗାର ଓ ୬ କେଜି ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ଗତ ୧୭ ତାରିଖରେ କୋରେଇ ଥାନା ପୋଲିସ ଯାଜପୁର ରୋଡ୍ କହ୍ନେଇପୁର ଅଞ୍ଚଳରେ ଶନିବାର ଚଢ଼ାଉ କରି ୩.୪୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କରୋନା ମାଡ଼: କ୍ଷତିଗ୍ରସ୍ତ ମୂର୍ତ୍ତି କାରିଗରଙ୍କୁ ସହାୟତା ଦାବି

ଖଣ୍ଡପଡା, ୧୯।୯ (ସ୍ୱ.ପ୍ର.)

କରୋନା କଟକଣା ଯୋଗୁ ପୂଜା, ପାର୍ବଣ ଋତୁରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇଛି। ଫଳରେ ପାର୍ବଣ ଋତୁରେ ମାଟି ମୂର୍ତ୍ତି ନିର୍ମାଣ କରୁଥିବା ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର କାରିଗର ପରିବାର ବେଶ କ୍ଷତିଗ୍ରସ୍ତ ହୋଇଛନ୍ତି। ଗଣେଷ ପୂଜା ପରେ ବିଶ୍ୱକର୍ମାଙ୍କ ପୂଜା ଓ ଏବେ ଦଶହରା ଉପରେ ପ୍ରଶାସନିକ କଟକଣା କାରିଗରଙ୍କ ବ୍ୟବସାୟକୁ ମାନ୍ଦା କରିଦେଇଛି। ଅନେକ କାରିଗର ହାତବାନ୍ଧି ବସିଛନ୍ତି। ଏହାଛଡ଼ା ଗଣେଶ ପୂଜା ଓ ବିଶ୍ୱକର୍ମ ପୂଜାରେ ମୂର୍ତ୍ତି ତିଆରି କରିବା ପରେ ବି ବିକ୍ରି ହୋଇ ନ ପାରିବା ଯୋଗୁ କାରିଗରମାନେ ହତାଶ ହୋଇପଡ଼ିଛନ୍ତି। ତେଣୁ କ୍ଷତିଗ୍ରସ୍ତ ପରିବାରଗୁଡିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମୂର୍ତ୍ତି କାରିଗର ପରିବାର ପକ୍ଷରୁ ଦାବି ହୋଇଛି।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବି

### ଫସଲ ଉଜାଡ଼ି ଦେଇଛି ବନ୍ୟା

ସିଂହପୁର, ୧୯।୯ (ଡି.ଏନ୍.ଏ.)

ଚଳିତ ବନ୍ୟାରେ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୫ ହଜାର ଓ ଭାଗ ଚାଷୀଙ୍କୁ ୭ ହଜାର ୫ଶହ ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଦାବି କରିବାକୁ ବିଞ୍ଝାରପୁର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଅଧୀନ ଚିକଣାଠାରେ ନବନିର୍ମାଣ କୃଷକ ସଂଗଠନର କାର୍ଯ୍ୟକାରିଣୀ ବୈଠକ ବ୍ଲକ ସଂଯୋଜକ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲେ। ବନ୍ୟାରେ ପସଲ ଉଜୁଡ଼ି ଯିବା ଯୋଗୁ ଗତ ସପ୍ତାହରେ ବରପଦା ଗ୍ରାମର ରମାକାନ୍ତ ମଲିକ ରଶି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ସହ ତାଙ୍କ ସ୍ତ୍ରୀଙ୍କୁ ଭତ୍ତା ଓ କାଳିଆ ଯୋଜନାରେ ସହାୟତା ପ୍ରଦାନ କରିବାକୁ ବୈଠକରେ ଦାବି ଉପସ୍ଥାପିତହାଇଥିଲା। ନିକଟରେ କେନ୍ଦ୍ରୀୟ ଟିମ୍ ନାଉବାଙ୍କ ଘାଇ ନିକଟକୁ ଯାଇଥିବା ବେଳେ ମଲିପୁର ଘାଇ ଦେଖିବାକୁ ଯାଇ ନ ଥିବାରୁ ସେଠାକାର ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାସହ ଖରସ୍ରୋତା ନଦୀର ରଣପୁର, ଚନ୍ଦ୍ରମୁଁ ଜରୀ ବାଙ୍ଗରା ନିକଟରେ ବନ୍ଧ ଉଚ୍ଚତା ଓ ଦୁର୍ବଳ ସ୍ଥାନରେ ପଥର ପ୍ୟାକିଂ କରିବାକୁ ସଂଗଠନ ପକ୍ଷରୁ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୈଠକରେ ସଂଗଠନର ଜିଲା ଉପଦେଷ୍ଟା ଭୁବନାନନ୍ଦ ସାମଲ, ଜ୍ଞାନେନ୍ଦ୍ର ବେଉରିଆ, ଧନେଶ୍ୱର ସାମଲ, ପ୍ରକାଶ ବେହେରା, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଚାଷୀମାନେ।

# ଚୋରାରେ ଚାଲୁଛି ବାଲିଘାଟ

- ପ୍ରତିଦିନ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ବାଲି
- ବିପୁଳ ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର
- ତହସିଲ କର୍ମଚାରୀ-କୁଜି ନେତା ମେଣ୍ଟ ଯୋଗୁ ଚୋରା ଚାଲାଣ ବଢୁଥିବା ଅଭିଯୋଗ

କଳିଙ୍ଗନଗର, ୧୯।୯ (ଡି.ଏନ୍.ଏ.)



ବେଆଇନ ଭାବେ ବାଲି ଚୋରା ଚାଲାଣ କରାଯାଉଛି।

ଦାନଗଦୀ ତହସିଲ ଅଧୀନ ଖପୁରିଆପଦା ପଞ୍ଚାୟତର ଖପୁରିଆପଦା ଏବଂ ଚକୁଆ ଗ୍ରାମରେ ୨ଟି ବାଲିଘାଟ ଦୀର୍ଘ ବର୍ଷ ହେବ ଚୋରାରେ ଚାଲିଛି। ଏହି ଘାଟରୁ ପ୍ରତିଦିନ ଶତାଧିକ ଟ୍ରିପ୍ ବାଲି ଉଠାଣ ହୋଇ ଯାଜପୁର ରୋଡ୍, ଦାନଗଦୀ ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଦାନଗଦୀ ତହସିଲର କେତେଜଣ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର କେତେଜଣ କୁଜିନେତାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାଜ୍ୟ ସରକାର ଦୈନିକ ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି।

ଦୁଇ ବର୍ଷ ହେବ ଉକ୍ତ ଦୁଇ ଘାଟକୁ ତହସିଲ ପ୍ରଶାସନ ଲିଜ୍ ପ୍ରଦାନ କରିବାକୁ କହୁଥିଲେ ବି କେଉଁ କାରଣରୁ ଏହା କରାଯାଉନି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳର ଏକମାତ୍ର ନିଲାମ ଘାଟ (ପଙ୍କପାଳ ବାଲି ଘାଟ) ୬ରୁ ୭ମାସ ହେବ ବନ୍ଦ ରହିଛି। ଏଣୁ ସ୍ଥାନୀୟ ଲୋକେ ଏବଂ କଳକାରଖାନା ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ବାଲି ଉକ୍ତ ବେଆଇନ ଘାଟରୁ ଉଠାଯାଉଛି। ସ୍ଥାନୀୟ କେତେଜଣ କୁଜି ନେତା ଓ ଅସାଧୁ ସରକାରୀ କର୍ମଚାରୀଙ୍କ ମେଣ୍ଟ ଯୋଗୁ ପ୍ରତିଦିନ ମେଶିନ୍ ସାହାଯ୍ୟରେ ଶତାଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଟ୍ରାକ୍ଟରଗୁଡ଼ିକ ମଧ୍ୟରେ ବାଲି ଲୋଡିଂ-ଅନଲୋଡିଂ ଏବଂ ପୁଣି ଲୋଡିଂ ପାଇଁ ପ୍ରତିଯୋଗିତା ହେଉଥିବାରୁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଥିବାର ନଜର ରହିଛି। ସମ୍ପୃକ୍ତ ଟ୍ରାକ୍ଟର ଚାଳକମାନଙ୍କ ମଧ୍ୟରୁ କେତେଜଣଙ୍କ ପାଖରେ ଉପଯୁକ୍ତ କାଗଜପତ୍ର ମଧ୍ୟ ନ ଥିବା ଜଣାଯାଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଏ ନେଇ ଦାନଗଦି ତହସିଲରେ ଅଭିଯୋଗ କରିବା ପରେ ନାମକୁ ମାତ୍ର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଗୋଟିଏ ଦୁଇଟି ଗାଡ଼ି ଜବତ କରାଯାଇ ଜରିମାନା ଆଦାୟ କରାଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ବେଆଇନ ଚାଲାଣ କରାଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ ହେବା ଖବରପାଇ ଚୋରା ବ୍ୟବସାୟୀମାନେ ଘାଟରୁ ଲୋଡିଂ ମେଶିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଉଥିବା ଆଲୋଚନା ହେଉଛି। ଏ ନେଇ ଦାନଗଦୀ ତହସିଲଦାର ନର୍ମଦା ମୋଦିଙ୍କୁ ପଚାରିବାରୁ ଚୋରାବାଲି ଚାଲାଣ ରୋକିବା କେବଳ ତହସିଲ ପ୍ରଶାସନର ଦାୟିତ୍ୱ ନୁହେଁ। ସମପରିମାଣର ଦାୟିତ୍ୱ ପୋଲିସ ପ୍ରଶାସନ ଏବଂ ମାଇନିଂ ବିଭାଗର ମଧ୍ୟ ରହିଛି। ସେମାନେ ମଧ୍ୟ ସଜାଗ ରହି ଚଢ଼ାଉ କଲେ ଚୋରା ଚାଲାଣ ରୋକାଯାଇପାରିବ ବୋଲି କହିଛନ୍ତି।

# ମା’କୋଳକୁ ଫେରିଲେ ଶିଶୁପୁତ୍ର

## ନେଇ ଯାଇଥିଲେ ବାପା, ଜେଜେ ମା’

ନୟାଗଡ ଅଫିସ,୧୯।୯

ଆଠଦିନର ଶିଶୁପୁତ୍ରକୁ ମା’କୋଳରୁ ବାପା ଓ ଜେଜେ ମା’ ଛଡ଼ାଇ ନେବା ନେବା ମହଙ୍ଗା ପଡିଛି। ନୟାଗଡ ଟାଉନ ଥାନା ପୋଲିସର ହସ୍ତକ୍ଷେପ ପରେ ମା’ କୋଳକୁ ଶନିବାର ଫେରିଛି ଶିଶୁପୁତ୍ର। ତେବେ ଏଥିପାଇଁ ମା’ବାପାଙ୍କୁ ଥାନା ଓ ସିଡବ୍ଲ୍ୟୁସିରେ ହାଜର ହେବାକୁ ପଡିଛି। ପ୍ରାପ୍ତ ସୂଚନା ଅନୁସାରେ, ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାଘମାରୀ ଥାନା ପଙ୍ଗାରସିଂହର ଜଣେ ମହିଳାଙ୍କ ୮ଦିନ ତଳେ ଶିଶୁପୁତ୍ର ହୋଇଥିଲା। ନବଜାତ ଶିଶୁ ଓ ମା’ ଚିକିତ୍ସାଳୟରେ ଥିଲେ। ଶନିବାର ବାପା ଓ ଜେଜେ ମା’ ଶିଶୁପୁତ୍ରକୁ ଦେଖିବାକୁ ଆସିଥିଲେ। ଘରକୁ ଯିବାକୁ ବୋହୂଙ୍କୁ ଶାଶୁ ଡାକିଥିଲେ। ହେଲେ ଡେରିରେ ଯିବାକୁ ବୋହୂ କହିଥିଲେ। ଏଭଳିସ୍ଥଳେ ଶିଶୁପୁତ୍ରକୁ ଧରି ବାପା’ ଓ ଜେଜେ ମା’ ଚାଲି ଯାଇଥିଲେ। ପଙ୍ଗାରସିଂହର ଆଶା ଦିଦିଙ୍କ ଉପସ୍ଥିତିରେ ପୁଅକୁ ବାପା ନେଇ ଯାଇଥିଲେ ମଧ୍ୟ ସେ କିଛି କହି ନ ଥିଲେ। ଚିକିତ୍ସାଳୟ ସୂତ୍ରରୁ ଖବର ପାଇ ନୟାଗଡ ଟାଉନ ଥାନା ପୋଲିସ ପହଞ୍ଚି ଶିଶୁପୁତ୍ର ନେବା ଘଟଣାର ତଦନ୍ତ କରିଥିଲା। ପରେ ଆଶାଦିଦିଙ୍କ ଉପରେ ବିରକ୍ତି ହୋଇ ଶିଶୁପୁତ୍ରକୁ ଫେରାଇ ଆଣିବାକୁ ପୋଲିସ ଚାପ ପ୍ରୟୋଗ କରିଥିଲା। ଏଥିସହିତ ପୋଲିସ ଚାଇଲ୍ଡଲାଇନକୁ ଖବର ଦେଇଥିଲା। ଜେଜେ ମା’ ଓ ବାପା ଶେଷରେ ଥାନାକୁ ଆସି ପୋଲିସକୁ ଶିଶୁପୁକୁ ଫେରାଇଥିଲେ। ଚାଇଲ୍ଡଲାଇନ ପକ୍ଷରୁ ଶିଶୁପୁତ୍ରକୁ ସିଡବ୍ଲ୍ୟୁସିରେ ହାଜର କରାଯାଇ ମା’ବାପା ଜିମା ଦିଆଯାଇଛି। ଏହି ଘଟଣା ଖୋର୍ଦ୍ଧା ଜିଲାର ହୋଇଥିବାରୁ ସୋମବାର ନୟାଗଡ ଚାଇଲ୍ଡ ଲାଇନ ପକ୍ଷରୁ ଖୋର୍ଦ୍ଧା ଚାଇଲ୍ଡ ଲାଇନ ସହାୟତାରେ ଖୋର୍ଦ୍ଧା ସିଡବ୍ଲ୍ୟୁସିକୁ ମାମଲା ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ଚିକିତ୍ସା ସହାୟତା ଅପେକ୍ଷାରେ ସର୍ବେଶ୍ୱର


ପରିବାର ସହ ଘର ଆଗରେ ସର୍ବେଶ୍ୱର।

### ମେରୁଦଣ୍ଡ ଅପରେଶନ ପାଇଁ ୨ ଲକ୍ଷ ଆବଶ୍ୟକ

କେନ୍ଦ୍ରାପଡ଼ା ଅଫିସ୍, ୧୯।୯

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତ ଗୋପାଳପୁର ଗ୍ରାମର ସର୍ବେଶ୍ୱର ବାରିକ ମେରୁଦଣ୍ଡ ରୋଗରେ ପୀଡ଼ିତ ହେହାଇଥିବା ଯୋଗୁ ଶରୀର ଅଚଳ ହୋଇଯାଇଛି। ଅପରେସନ ପାଇଁ ଅନୁନ୍ୟ ୨ ଲକ୍ଷ ଟଙ୍କା ଲାଗିବ ବୋଲି ଡାକ୍ତର କହୁଥିବା ବେଳେ ଭୂମିହୀନ ଓ ଆର୍ଥିକ ଦୁଃସ୍ଥିତିରେ ଦିନ କାଟୁଥିବା ସର୍ବେଶ୍ୱର ଚିକିତ୍ସା ପାଇଁ ସରକାରୀ କିମ୍ବା ବେସରକାରୀ ସହଯୋଗକୁ ଅନାଇ ବସିଛନ୍ତି। ଏ ନେଇ ସାମାଜିକ କର୍ମୀ ନରେନ୍ଦ୍ର କୁମାର ଧଳ କହିଛନ୍ତି ଯେ, ସର୍ବେଶ୍ୱରଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଶ୍ରାବଣୀ ଓ ୩ଟି ସନ୍ତାନ ଅଛନ୍ତି। ପୂର୍ବରୁ ସେ ମୂଲ ମଜୁରୀ ଲାଗି ପରିବାର ପୋଷଣ କରୁଥିଲେ। ମାତ୍ର ୨ବର୍ଷ ହେବ ଚଲାବୁଲାରେ କଷ୍ଟ ଅନୁଭବ କରିବା ପରେ ଡାକ୍ତରଙ୍କ ପରାମର୍ଶ ନେବାରୁ ତାଙ୍କ ମେରୁଦଣ୍ଡରେ ସମସ୍ୟା ଥିବା ଜଣାପଡ଼ିଥିଲା। ଏହାପରେ ଅପରେଶନ ପାଇଁ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଡାକ୍ତର କରିଥିଲେ। ହେଲେ ଅଭାବ ଅନଟନରେ ଦିନ କାଟୁଥିବା ସର୍ବେଶ୍ୱରଙ୍କ ପରିବାର ପକ୍ଷରେ ତାଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହୋଇପାରିଲାନି। ଫଳରେ ଦୁଇବର୍ଷ ହେବ ସେ ଘରେ ପଡ଼ି ରହିଛନ୍ତି ବୋଲି ନରେନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ଶ୍ରାବଣୀ କହିଛନ୍ତି, ସର୍ବେଶ୍ୱରଙ୍କ ଚିକିତ୍ସା ସହାୟତା ପାଇଁ ଗତ ୯ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏଡିଏମ୍ ବସନ୍ତ କୁମାର ରାଉତ ଜିଲା ଜରୁରୀକାଳୀନ ବିଭାଗକୁ ଆବେଦନ ପତ୍ର ପଠାଇଥିଲେ ବି ଅଦ୍ୟାବଧି ବିଭାଗୀୟ ଅଧିକାରୀଙ୍କ ନିକଟରୁ କୌଣସି ଉତ୍ତର ମିଳିନାହିଁ। ଅପରପକ୍ଷରେ ଗତ ବର୍ଷା ଓ ବନ୍ୟାରେ ମାଟି ଘରଟି ଏକ ପ୍ରକାର ନଷ୍ଟ ହୋଇଯାଇଛି। ଘରର ସମସ୍ତ ସଞ୍ଚିତ ଧନ ବନ୍ୟାରେ ନଷ୍ଟ ହୋଇଛି। ଚିକିତ୍ସିତ ହେବା ପରେ ପରିବାରର ଦାୟିତ୍ୱ ସର୍ବେଶ୍ୱର ନେଇପାରିବେ। ତେଣୁ ସର୍ବେଶ୍ୱରଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି ଯେ, ଏ ସମ୍ପର୍କରେ ଜାଣିବା ପରେ ସର୍ବେଶ୍ୱରଙ୍କୁ ସାଧାରଣ ଚଳପ୍ରଚଳ ପାଇଁ ୪ଚକିଆ ସାଇକେଲ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହଯୋଗ ପାଇଁ ଏକ ଆବେଦନ ପତ୍ର ଦେବାକୁ ପଡ଼ିବ ବୋଲି ବିଭାଗୀୟ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ଫଟୋରେ ଖବର


ଯାଜପୁର ଜିଲା ବରୀ ତହସିଲ କାର୍ଯ୍ୟାଳୟରେ ପଲିଥିନ୍ ନେବା ପାଇଁ ବନ୍ୟା ବିପନ୍ନଙ୍କ ଲମ୍ବା ଧାଡ଼ି।


କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ମହାନଦୀର ବାହାକୁଦ ଫେରିଘାଟଠାରେ ଗତ ବନ୍ୟାରେ ସୃଷ୍ଟି ହୋଇଥିବା ବିରାଟ ବାଲି ପଠା ଯୋଗୁ ସମୁଦ୍ରକୁ ଜଳ ନିଷ୍କାସନରେ ବାଧା ଉପୁଜୁଛି।

